# ପିଲାମାନଙ୍କ ପାଇଁ ବାଇବଲ

## ଉପହାର



## ଏକ ମନୁଷ୍ୟ ଯେ ନତ ହେଲେନାହିଁ

ଲେଖକ: Edward Hughes

ଦୃଷ୍ଟାନ୍ତ: Jonathan Hay

ଉପଯୋଜକ: Mary-Anne S.

ଅନୁବାଦକ: Prasanta Bhuyan

ପ୍ରୟୋଯୋକ: Bible for Children
www.M1914.org

©2017 Bible for Children, Inc.
ଅନୁମତି ପତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି,· ଯେଉଁ ପର୍ଯ୍ୟନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।

ରାଜା ନବୁଖଦନିସ୍ର ଶୁଦ୍ଧ ଏକ ପ୍ରକାଣ୍ଡ ସ୍ବର୍ଣ୍ଣ
ପ୍ରତିମା ନିର୍ମାଣ କଲେ । ତାହାର ମସ୍ତକରୁ ପାଦ
ପର୍ଯ୍ୟନ୍ତ ସ୍ଵର୍ଣ୍ଣମୟ ଥିଲା । ହୋଇପାରେ
ସେ ତାଙ୍କ ସ୍ୱପ୍ନକଥା ପାଶୋରିଗଲେ
ଯାହା ତାଙ୍କ ରାଜ୍ୟ ବିଷୟରେ ବର୍ଣ୍ଣୀତ
ଥିଲା ଯେ ତାଙ୍କ ରାଜ୍ୟ ଚ଼ୀରସ୍ଥାୟୀ
ହେବନାହିଁ । ହୋଇପାରେ ସେ ଭାବଲେ
ଯଦି ମୁଁ ସଂପୁର୍ଣ୍ଣ ସ୍ଵର୍ଣ୍ଣରେ ପ୍ରତିମା
ନିର୍ମାଣ କରିବି ତେବେ ସଦାପ୍ରଭୁଙ୍କ
ବାକ୍ୟ ସଫଳ ହୋଇ ନପାରେ ।



ରାଜାଙ୍କ ଦାସମାନଙ୍କ ମଧ୍ୟରୁ ଜଣେ ସେହି ଆଜ୍ଞାପତ୍ର ପାଠ କଲେ ... ତୁମ୍ଭେମାନେ ରାଜାଙ୍କର ସ୍ୱର୍ଣ୍ଣ ନିର୍ମୀତ ପ୍ରତିମାକୁ ଉବୁଡ଼ ହୋଇ ପ୍ରଣାମ କରିବ ... ପୁଣି

ଯେକେହି ସେହି ପ୍ରତିମା ଛାମୁରେ

ଉବୁଡ଼ ହୋଇ ପ୍ରଣାମ ନ କରିବ

ସେ ତାହାକୁ ପ୍ରଜ୍ୱଳିତ ଅଗ୍ନିକୁଣ୍ଡରେ

ନିକ୍ଷେପ୍ତ ହେବେ ।



ସମସ୍ତେ ରାଜାଙ୍କ ଆଜ୍ଞା ଆନୁସେରେ କର୍ମ କଲେ, ମାତ୍ର ସେଠାରେ ତିନିଲୋକ ଥିଲେ ସେମାନେ ତାହାର ପ୍ରତିମାକୁ ଉବୁଡ଼ ହୋଇ ପ୍ରଣାମ କଲେନାହିଁ । ସେମାନେ ଏବ୍ରୀୟ ଥିଲେ ।



ସେମାନଙ୍କର ନାମ ଶଦ୍ରକ୍, ମୈଶକ୍ ଓ ଅବେଦ୍-ନଗୋ ଥିଲା,
ସେମାନେ ଦାନିୟେଲଙ୍କର ସଂଙ୍ଗି ଥିଲେ । ଏଥିରୁ ଜଣାଯାଏ
ସେହିସମୟରେ ଦାନିୟେଲ ସେଠାରେ ନ ଥିଲେ,
ତା ନ ହେଲେ ସେ ମଧ୍ୟ
ସେହି ମନୁଷ୍ୟ ଗଢ଼ା
ପ୍ରତିମାକୁ ପ୍ରଣାମ
କରି ନ ଥାଆନ୍ତେ ।



ରାଜାଙ୍କ ବୁଦ୍ଧିଜୀବୀ ଓ ପଣ୍ଡିତମାନେ ଦାନିୟେଲ ତାଙ୍କ ସଂଙ୍ଗିମାନଙ୍କୁ ଈର୍ଷ୍ୟା କଲେ କାରଣ ରାଜା ସେମାନଙ୍କୁ ଆଦର କଲେ । ତେଣୁ ସେମାନେ କହିଲେ, ଏଠାରେ ଏପରି ତିନିଲୋକ ଅଛନ୍ତି ଯେଉଁ ମାନଙ୍କୁ ଆପଣ ବାବିଲର ପ୍ରଦେଶ ଉପରେ କର୍ତ୍ତୃତ୍ୱ ଭାର ଦେଇଅଛନ୍ତି, ଶଦ୍ରକ୍, ମୈଶକ୍ ଓ ଅବେଦ୍-ନଗୋ ।



ହେ ମହାରାଜ ସେମାନେ ଆପଣାର ଆଜ୍ଞା ପାଳନ କରିନ୍ତି ନାହିଁ । ସେମାନେ ଆପଣାର ଦେବଗଣର ସେବା କରନ୍ତି ନାହିଁ କିମ୍ବା ଆପଣାର ଖୋଦିତ ପ୍ରତିମାକୁ ଉବୁଡ଼ ହୋଇ ପ୍ରଣାମ କରନ୍ତି ନାହିଁ ।





ରାଜା ନବୁଖଦନିସ୍ରର କୋପରେ
ପରିପୂର୍ଣ୍ଣ ହେଲେ । ସେ ସେମାନଙ୍କୁ
ସତର୍କ କଲେ, ଯଦି ତୁମ୍ଭେମାନେ
ସେହି ପ୍ରତିମାକୁ ପ୍ରଣାମ ନ କର,
ତେବେ ତୁମ୍ଭେମାନେ ପ୍ରଜ୍ୱଳିତ ଅଗ୍ନିରେ
ନିକ୍ଷିପ୍ତ ହେବ । ଆଉ ଯେ ତୁମ୍ଭମାନଙ୍କୁ
ମୋ ହସ୍ତରୁ ଉଦ୍ଧାର କରିବ,
ଏପରି କେଉଁ ଦେବତା ଅଛି?

ରାଜା ବଡ଼ ଭୁଲ୍ କରିବାକୁ ଯାଉଥିଲେ । ସେ ସତ୍ୟରେ ଜୀବନ୍ତ ପରମେଶ୍ୱରଙ୍କ ବିରୁଦ୍ଧାଚରଣ କରୁଅଛନ୍ତି । ସେହି ତିନି ଏବ୍ରୀୟ ଜାଣିଥିଲେ ଯେ ପ୍ରତିମାକୁ ପ୍ରଣାମ କରିବା ସଦାପ୍ରଭୁଙ୍କ ଆଜ୍ଞା ଲଙ୍ଘନ ଅଟେ । ସେମାନେ ଠିଆହୋଇ ରହିଗଲେ । କାରଣ ସେମାନେ ସଦାପ୍ରଭୁଙ୍କ ଉପରେ ନିର୍ଭର କଲେ,

ସେମାନେ ରାଜାଙ୍କୁ ଭୟ କରୁ ନ ଥିଲେ ।



ରାଜାଙ୍କ ନିମନ୍ତେ ସେହି ତିନି ନିର୍ଭୀକ ଲୋକଙ୍କ ପାଖରେ ଉତ୍ତର ଥିଲା । ସେମାନେ କହିଲେ, ଆମ୍ଭମାନଙ୍କର  ସେହି ପରମେଶ୍ୱର ଆମ୍ଭମାନଙ୍କୁ ପ୍ରଜ୍ୱଳିତ ଅଗ୍ନିକୁଣ୍ଡରୁ ରକ୍ଷା କରିବାକୁ ସମର୍ଥ ଅଟନ୍ତି ଓ ଆମ୍ଭମାନଙ୍କୁ ଉଦ୍ଧାର କରିବେ, ...



... ମାତ୍ର ଯେବେ ନ କରନ୍ତି, ତେବେ ହେଁ ହେ ମହାରାଜ ଆମ୍ଭେମାନେ ଯେ ଆପଣଙ୍କ ଦେବଗଣର ସେବା କିମ୍ବା ଆପଣଙ୍କ ସ୍ଥାପିତ ସୁବର୍ଣ୍ଣ ପ୍ରତିମାକୁ ପ୍ରଣାମ କରିବୁ ନାହିଁ ।



ରାଜା ନବୁଖଦନିସ୍ର
କୋପରେ ପରିପୂର୍ଣ୍ଣ
ହେଲା, ସେ ଅଗ୍ନିକୁ
ସାଧାରଣ ଅପେକ୍ଷା ସାତ
ଗୁଣ ଉତପ୍ତ କରିବାକୁ
ଆଜ୍ଞା ଦେଲେ । ତାଥାପି
ସେମାନେ ପ୍ରଣାମ
କଲେ ନାହିଁ ।



ସେଥିରେ ରାଜା ଆପଣା ସୈନ୍ୟମଧ୍ୟରୁ କେତେକ
ବଳବାନ୍ ଲୋକଙ୍କୁ
ଶଦ୍ରକ, ମୈଶକ୍ ଓ
ଅବେଦ-ନଗୋକୁ



ବାନ୍ଧି ପ୍ରଜ୍ୱଳିତ
ଅଗ୍ନିକୁଣ୍ଡରେ
ନିକ୍ଷେପ
କରିବାକୁ ଆଜ୍ଞା ହେଲେ ।

ଅଗ୍ନିକୁଣ୍ଡ ଅତିଶୟ ଉତପ୍ତ ଥିଲା, ଏଥିପାଇଁ

ଯେଉଁ ଲୋକମାନେ ଶଦ୍ରକ, ମୈଶକ୍

ଓ ଅବେଦ-ନଗୋକୁ ସେହି ଅଗ୍ନି

ମଧ୍ୟକୁ ନିକ୍ଷିପ୍ତ କଲେ ସେମାନେ

ଅଗ୍ନି ଶିଖାରେ ହତ ହେଲେ ।



ରାଜା ନିରାପଦ ବ୍ୟବଧାନରେ ଠିଆ ହୋଇ ଦେଖୁଥଲା, ସେ ତିନିଜଣଙ୍କୁ ସେହି ପ୍ରଜ୍ୱଳିତ ଅଗ୍ନିମଧ୍ୟକୁ ଫିଙ୍ଗି ହେବାର ଦେଖିଥିଲା । ମାତ୍ର ସେ କିଛି ଅଲଗା ଦେଖିବାକୁ ପାଇଲା ।



ରାଜା ନବୁଖଦନିତ୍ସର ଚମତ୍କୃତ ହେଲା,

ଆମ୍ଭେମାନେ କି ତିନି ଲୋକଙ୍କୁ

ବାନ୍ଧି ଅଗ୍ନି ମଧ୍ୟରେ ପକାଇ

ନ ଥିଲୁ, ରାଜା ତାହାର

ସହୋଚର ମାନଙ୍କୁ

କହିଲେ, ସେମାନେ

ରାଜାଙ୍କୁ ଉତ୍ତର କରି

କହିଲେ, ସତ୍ୟ

ମହାରାଜ ।



ସେ କହିଲେ, ଦେଖ ମୁଁ
ଅଗ୍ନି ମଧ୍ୟରେ ଗମନ କରିବାର
ଚାରି ମୁକ୍ତ ଲୋକ ଦେଖୁଅଛି
ଓ ସେମାନଙ୍କର କୌଣସି
କ୍ଷତି ହୋଇନାହିଁ, ପୁଣି
ଚତୁର୍ଥ ଲୋକର ମୂର୍ତ୍ତୀ
ପରମେଶ୍ୱରଙ୍କ
ପୁତ୍ର ଶଦୃଶ ।



ସେତେବେଳେ ନବୁଖଦନିସ୍ୱର ପ୍ରଜ୍ୱଳିତ ଅଗ୍ନିକୁଣ୍ଡର ମୁଖ ନିକଟକୁ ଯାଇ କହିଲା, ହେ ସର୍ବପରିଷ୍ଠ ପରମେଶ୍ୱରଙ୍କର ଦାସ ଶଦ୍ରକ, ମୌଶକ ଓ ଅବେଦ-ନୋଗୋ, ତୁମ୍ଭେମାନେ ବାହର ହୋଇ ଏଠାକୁ ଆସ ତହିଁରେ ଶଦ୍ରକ, ମୌଶକ ଓ ଅବେଦ-ନୋଗୋ, ଅଗ୍ନି ମଧ୍ୟରୁ ବାହର ହୋଇ ଆସିଲେ ।



ସମସ୍ତେ ସେଠାରେ ଏକତ୍ର ହୋଇ ସେହି ତିନି ଜଣଙ୍କୁ ଅନାଇ ଦେଖିଲେ ଯେ ଅଗ୍ନି ସେମାନଙ୍କ ଶରିର ଉପରେ କିଛି ହିଁ ଶକ୍ତି ପ୍ରକାଶ କରିନାହିଁ । କିଅବା ସେମାନଙ୍କର ମସ୍ତକର କେଶ ହିଁ କିଛି ଦଗ୍ଧ ହୋଇନାହିଁ । ସେମାନଙ୍କ ଶରୀରରେ କୌଣସି ପ୍ରକାରର ଅଗ୍ନିର ଗନ୍ଧ ମଧ୍ୟ ନାହିଁ ।



ଯେତେବେଳେ ରାଜା ନବୁଖଦନିତ୍ସର ହୃଦୟଙ୍ଗମ କଲେ, ସେ କିଛି ଅତି ବୁଦ୍ଧିର କର୍ମ କଲେ । ସେ ପ୍ରାର୍ଥନା କରି କହିଲେ, ଶଦ୍ରକ, ମୈଶକ ଓ ଅବେଦ-ନୋଗୋର ପରମେଶ୍ୱରଙ୍କର ଧନ୍ୟବାଦ ହେଉ, ଯେ ଆପଣା ଦୂତ ପଠାଇ ତାହାଙ୍କର ଦାସମାନଙ୍କୁ ଯେଉଁମାନେ ତାହାଙ୍କଠାରେ ଭରଷା କଲେ ସେମାନଙ୍କୁ ଉଦ୍ଧାର କଲେ ।



# ଏକ ମନୁଷ୍ୟ ଯେ ନତ ହେଲେନାହିଁ

ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ

ରୁ ଅନୁସନ୍ଧାନ କରାଯାଇଅଛି

ଦାନିୟେଲ ୩

"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"
ଗୀତସଂହିତା ୧୧୯ : ୧୩୦

# ସମାପ୍ତି

ଏହି ବାଇବଲ୍ କହାଣି ଇଶ୍ୱରଙ୍କ ବିଷୟରେ
ଆମ୍ଭମାନଙ୍କୁ କହେ, ଯିଏ କି ଆମ୍ଭମାନଙ୍କୁ ସୃଷ୍ଟି କରିଅଛନ୍ତି
ଏବଂ ସେହି ଇଶ୍ୱର ଚାହାଁନ୍ତି ତୁମ୍ଭେ ତାହାଙ୍କୁ ଜାଣ ।

ଆମ୍ଭେମାନେ ମନ୍ଦକାର୍ଯ୍ୟ କରିଅଛୁ ତାହା ଇଶ୍ୱର ଜାଣନ୍ତି, ଯାହାକୁ
ଇଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ,
କିନ୍ତୁ ଇଶ୍ୱର ତୁମ୍ଭକୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ
ପୁତ୍ରଙ୍କୁ ଜଗତକୁ ପଠାଇଲେ ଆମ୍ଭମାନଙ୍କର ପାପ ସକାଶୁ ସେ
କୃଶ ଉପରେ ମୃତ୍ୟୁବରଣ କଲେ । ପୁନର୍ବାର ଯୀଶୁଖ୍ରୀଷ୍ଟ
ଜୀବନକୁ ଫେରିଲେ, ଆଉ ସେ ସର୍ଗ ଗୃହକୁ ଗମନ କଲେ ।
ଯଦି ତୁମେ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କର ଆଉ ନିଜର ପାପ
କ୍ଷମା ନିମନ୍ତେ ତାଙ୍କୁ ପଚାର, ଆଉ ସେ ନିଶ୍ଚୟ କ୍ଷମା କରିବେ ।
ବର୍ତ୍ତମାନ୍ ସେ ଆସିବେ ଏବଂ ତୁମ୍ଭଠାରେ ବାସ କରିବେ ଆଉ
ତୁମ୍ଭ ମଧ୍ୟ ତାଙ୍କଠାରେ ଚିର କାଳ ପର୍ଯ୍ୟନ୍ତ ବାସ କରିବ ।

ଯଦି ତୁମ୍ଭେ ଏହା ହିଁ ସତ୍ୟବୋଲି ବିଶ୍ୱାସ କର,
ତହିଁରେ ଇଶ୍ୱରଙ୍କୁ କୁହନ୍ତୁ:
ପ୍ରିୟର ଯୀଶୁଖ୍ରୀଷ୍ଟ ମୁଁ ବିଶ୍ୱାସ କରେ କି ତୁମ୍ଭେ ହିଁ ଇଶ୍ୱର
ଏବଂ ତୁମ୍ଭେ ମନୁଷ୍ୟ ରୁପ ଧାରଣ କରି, ମୋ କରିପାରିବି
ନିମନ୍ତେ ମୃତ୍ୟୁବରଣ କଲ, ବର୍ତ୍ତମାନ୍ ଜୀବିତ ଅଛନ୍ତି ।
ମୁଁ ମଧ୍ୟ ନୂତନ ଜୀବନ ଧାରଣ କରିପାରିବ, ଆଉ ସେହି
ଦିନ ଠାରୁ ତୁମ୍ଭ ସହିତ ଚିରକାଳ ରହିବି । ତୁମ୍ଭରି
ଆଜ୍ଞାକାରି ସନ୍ତାନ ଓ ତୁମ୍ଭ ନିମନ୍ତେ ବଞ୍ଚିବାକୁ
ସାହାଯ୍ୟ କରନ୍ତୁ । ଆମେନ୍ ।

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ
ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ ।
ଯୋହନ ୩:୧୬